# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19th March - 2025

******************************

***Desk***

## ମୁଖ୍ୟମନ୍ତ୍ରୀ - ଗ୍ରୀଷ୍ମପ୍ରବାହ ସମୀକ୍ଷା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜନିତ ଜିରୋ କାଜୁଆଲିଟି-ଶୂନ୍ୟ ମୃତାହତ ଲକ୍ଷ୍ୟରେ କାର୍ଯ୍ୟ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଖୋଲିବାପାଇଁ ନିଷ୍ପତ୍ତି ନିଆଯିବା ସହିତ ବିଦ୍ୟାଳୟଗୁଡ଼ିକରେ ସକାଳ ପାଠପଢ଼ା, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାବ୍ୟତୀତ ରାଜ୍ୟରେ ୧୭ ହଜାରରୁ ଅଧିକ ନଳକୂପ ଖୋଲିବା ଏବଂ ଅଚଳ ନଳକୂପଗୁଡ଼ିକୁ ସଚଳ କରିବାପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଓ ବେସରକାରୀ କ୍ଷେତ୍ରରେ ଶ୍ରମିକମାନଙ୍କର କାର୍ଯ୍ୟସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବନ୍ଦ ରଖିବା ଏବଂ ବିଦ୍ୟୁତ୍ ସରବରାହରେ ବ୍ୟାହତ କମ୍ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏହାବ୍ୟତୀତ

ଜିଲ୍ଲା ସ୍ତରରେ ହେଉଥିବା ଯୁଗ୍ମ ଅଭିଯୋଗ ଶୁଣାଣିଗୁଡ଼ିକର ସମୟ ସକାଳ ୭ଟାରୁ ୧୦ଟା ମଧ୍ୟରେ ଶେଷ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ସୁନିତା ୱିଲିୟମ୍ସ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅଟକି ରହିଥିବା ଭାରତୀୟ-ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ, ବୁଚ୍ ୱିଲୋର୍‌ଙ୍କ ସହିତ ଅନ୍ୟ ଦୁଇଜଣ ମହାକାଶଚାରୀ ପୃଥିବୀ ପୃଷ୍ଠରେ ସୁରକ୍ଷିତ ଭାବେ ଆଜି ପ୍ରାତଃ ଭାରତୀୟ ସମୟ ୩ଟା ୨୭ ମିନିଟ୍‌ରେ ଆମେରିକାର ଫ୍ଲୋରିଡା ସମୁଦ୍ର ଉପକୂଳରେ ଅବତରଣ କରିଛନ୍ତି । ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା-ନାସା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମହାକାଶରୁ ୧୭ ଘଣ୍ଟା ଯାତ୍ରା କରି ମହାକାଶଚାରୀମାନେ ପୃଥିବୀ ପୃଷ୍ଠ ଛୁଇଁବା ପରେ ଏହି ଐତିହାସିକ ସଫଳତା ପାଇଁ ସେମାନଙ୍କୁ ସବୁ ସ୍ତରରୁ ସ୍ୱାଗତ କରାଯାଇଛି । ଗୁଜରାଟର ଝୁଲାସନ୍‌ର ମୂଳନିବାସୀ ସୁନିତା ୱିଲିୟମ୍ସ ପୃଥିବୀ ପୃଷ୍ଠ ଛୁଇଁବା ପରେ ପୈତୃକ ଗ୍ରାମର ଲୋକମାନେ ପୂଜାର୍ଚ୍ଚନା କରିବା ସହିତ ଖୁସିରେ ବିଭୋର ହୋଇଛନ୍ତି ।

*IPR*

## ରାଷ୍ଟ୍ରପତି - ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ତାରିଖରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି କଣ୍ଟିଲୋ ନୀଳମାଧବ ଦର୍ଶନ କରିବା ପରେ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଶ୍ରୀମତୀ ମୁର୍ମୁ ରାଜଭବନରେ ରାତ୍ରିଯାପନ କରିବେ । ପରଦିନ ବାୟୁସେନା ବିମାନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

*Desk*

## ବନକଲାଗି

ଚୈତ୍ର କୃଷ୍ଣ ପଞ୍ଚମୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ପ୍ରାୟ ଅପରାହ୍ଣ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଛି। ବନକଲାଗି ଗୁପ୍ତ ନୀତି ସମ୍ପାଦନ

ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ପ୍ରାୟ ୫ ଘଣ୍ଟା ପାଇଁ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***BBSR/R***

## ତୋଷାଲୀ ମେଳା

ଊନବିଂଶ ତୋଷାଲୀ ଜାତୀୟ ହସ୍ତତନ୍ତ୍ର ମେଳା-୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ଉଦ୍‌ଘାଟନ କରିବେ । ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ୬୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବାପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ 'ଶିଳ୍ପ ସୃଜନୀ' ଥିମ୍ ପାଭିଲିୟନ୍ ପ୍ରସ୍ତୁତ କରାଯାଇଛି । ଏହି ମେଳା ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ ବୋଲି ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ।

***Voice :.........***

***Bhadrak/R***

## ଉତ୍କଳ ଦିବସ ସମାରୋହ

ଭଦ୍ରକ ଜିଲ୍ଲାସ୍ତରୀୟ ୯୦ତମ ଉତ୍କଳ ଦିବସ ପାଳନ ପାଇଁ ଗତକାଲି ଜିଲ୍ଲାପାଳ ଦିଲ୍ଲୀପ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ

ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

***Desk***

## ମାଟ୍ରିକ୍ ଖାତାଦେଖା

ଚଳିତ ବର୍ଷର ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଖାତାଦେଖା ଆଜିଠାରୁ ୫୧ଟି କେନ୍ଦ୍ରରେ ଆରମ୍ଭ ହେଉଛି । ଆସନ୍ତା ୧୨ ଦିନ ମଧ୍ୟରେ ଖାତାଦେଖା ଶେଷ କରିବାପାଇଁ ବୋର୍ଡ଼ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଛି । ମଇ ମାସ ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ କରିବାପାଇଁ ବୋର୍ଡ଼ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି । ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ୨୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୧୩ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ।

***Desk***

## କଳାହାଣ୍ଡି କପ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍-୨୦୨୫ ଗତକାଲି ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ କଟକ ଓ ଭୁବନେଶ୍ୱରର ୯ଟି ସ୍ଥାନରେ ଖେଳାଯାଇଥିଲା ।  ପ୍ରଥମ ପର୍ଯ୍ୟାୟରେ ପୂର୍ବତଟ ରେଳବାଇ, ନବରଙ୍ଗପୁର,

ଯାଜପୁର, କଟକ-ଏ, ବୌଦ୍ଧ, ଖୋର୍ଦ୍ଧା, ଭୁବନେଶ୍ୱର-ବି, ପାରାଦ୍ୱୀପ ଓ ସୁନ୍ଦରଗଡ଼ ବିଜୟୀ ହୋଇଛନ୍ତି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ।

*****